بِسۡمِ اللّٰہِ الرَّحۡمٰنِ الرَّحِیۡمِ

# ୧୫ ମାର୍ଚ୍ଚ ୨୦୨୪ ଖୁତ୍‌ବା ଜୁମ୍ମାର ସାରାଂଶ
## ସ୍ଥାନ - ମସଜିଦ୍ ମୁବାରକ୍, ଇସ୍‌ଲାମାବାଦ୍ ଟିଲ୍‌ଫୋର୍ଡ଼

ପବିତ୍ର ରମଜାନ ମାସର ବୈଶିଷ୍ଟ୍ୟ ଓ ବୈଭବ । ହଜରତ ମସିହ ମଉଦ[ଅ.ସ]ଙ୍କ ମହତବାଣୀର ଆଲୋକରେ ଧର୍ମପରାୟଣ ହେବାର ତତ୍ତ୍ୱଜ୍ଞାନ ପୂର୍ଣ୍ଣ ବର୍ଣ୍ଣନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହଜୁର ଅନଓ୍ୱର[ଅ.ବ] ସୁରାଃ ବକରାଃର ଆୟତ ସଂଖ୍ୟା ୧୮୪ ଓ ୧୮୫ର ଆବୃତ୍ତି କଲେ,

يٰۤاَيُّهَا الَّذِيۡنَ اٰمَنُوۡا كُتِبَ عَلَيۡكُمُ الصِّيَامُ كَمَا كُتِبَ عَلَى الَّذِيۡنَ مِنۡ قَبۡلِكُمۡ لَعَلَّكُمۡ تَتَّقُوۡنَ
اَيَّامًا مَّعۡدُوۡدٰتٍ فَمَنۡ كَانَ مِنۡكُمۡ مَّرِيۡضًا اَوۡ عَلٰى سَفَرٍ فَعِدَّةٌ مِّنۡ اَيَّامٍ اُخَرَ وَعَلَى الَّذِيۡنَ يُطِيۡقُوۡنَهٗ
فِدۡيَةٌ طَعَامُ مِسۡكِيۡنٍ فَمَنۡ تَطَوَّعَ خَيۡرًا فَهُوَ خَيۡرٌ لَّهٗ وَاَنۡ تَصُوۡمُوۡا خَيۡرٌ لَّكُمۡ اِنۡ كُنۡتُمۡ تَعۡلَمُوۡنَ

ଅର୍ଥାତ ହେ ବିଶ୍ୱାସକାରୀମାନେ ! ତୁମମାନଙ୍କ ପାଇଁ ରୋଜା ରଖିବା ସେହିପରି ଧାର୍ଯ୍ୟ କରାଯାଇଛି ଯେପରି ତୁମମାନଙ୍କ ପୂର୍ବବର୍ତ୍ତୀ ଲୋକମାନଙ୍କ ସକାଶେ ଧାର୍ଯ୍ୟ କରାଯାଇଥିଲା । ଫଳରେ ତୁମେମାନ ଆଧ୍ୟାତ୍ମିକ ଓ ନୈତିକ ଦୁର୍ବଳତାଜନିତ ତ୍ରୁଟିରୁ ରକ୍ଷା ପାଇବ । ସୁତରାଂ ତୁମେମାନେ ରୋଜା ରଖ କେତେକ ନିର୍ଦ୍ଦିଷ୍ଟ ଦିନରେ ଏବଂ ତୁମମାନଙ୍କ ମଧ୍ୟରୁ ଯେଉଁ ବ୍ୟକ୍ତି ପୀଡ଼ିତ ଥାଏ ଅବା ଯାତ୍ରା କରୁଥାଏ ତେବେ ତାହାକୁ ଅନ୍ୟ ଦିନମାନଙ୍କରେ ସେହି ସଂଖ୍ୟା ପୂରଣ କରିବାକୁ ହେବ । ଯେଉଁମାନେ ଏହାର (କ୍ଷତିପୂରଣ ଦେବାର) ସାମର୍ଥ୍ୟ ରଖିଥାନ୍ତି ସେମାନେ ଜଣେ ଦରିଦ୍ର ଲୋକଙ୍କୁ ଖାଇବାକୁ ଦେବା ବିଧେୟ । ଯେଉଁବ୍ୟକ୍ତି ସମ୍ପୂର୍ଣ୍ଣ ଆଜ୍ଞାପାଳନ କରି କୌଣସି ପୁଣ୍ୟ କାର୍ଯ୍ୟ କରିବ ଏହା ତା' ପକ୍ଷରେ ଉତ୍କୃଷ୍ଟ ହେବ । ଯଦି ତୁମେ ଜାଣିଥାଅ ତେବେ ଏହି ରୋଜା ରଖିବା ତୁମମାନଙ୍କ ପକ୍ଷରେ ଉତ୍କୃଷ୍ଟତର ।

ଅଲ୍ଲାଃତାଲାଙ୍କ କୃପାରୁ ପବିତ୍ର ରମଜାନ ମାସ ଆରମ୍ଭ ହୋଇଯାଇଛି । ଆମ ପ୍ରିୟ ମୁନିବ ହଜରତ ମୁହମ୍ମଦ ମୁସ୍ତଫା[ସ.ଅ] କହିଲେ; ଏହା ଅତି ମହାନ ଓ କଲ୍ୟାଣମୟ ମାସ । ଏହି ମାସରେ ଅଲ୍ଲାଃତାଲା ନିଜ ଭକ୍ତମାନଙ୍କୁ ନିଜ ଅନୁକମ୍ପା ପ୍ରଦାନ କରିବା ସକାଶେ ଅତିଶୟ ଦୟାଳୁ ହୋଇଯାନ୍ତି । ସାଧାରଣ ଦିନମାନଙ୍କରେ ତ ଅଲ୍ଲାଃତାଲା ନିଜ ଭକ୍ତମାନଙ୍କୁ ଏତେ (ପ୍ରଚୁର ପରିମାଣରେ) ପ୍ରଦାନ କରିଥାନ୍ତି ଯାହାର ଆମେ କଳନା ମଧ୍ୟ କରିପାରିବା ନାହିଁ । ଆଉ ଏହି ମାସରେ ଶୈତାନକୁ ବିଶେଷ ରୂପେ କବଳିତ କରି ତାହା କବଳରୁ (ଭକ୍ତ) ମୁକ୍ତି ଲାଭ କରିବାର ସେ ବ୍ୟବସ୍ଥା କରି ଦେଇଥାନ୍ତି । ଯାହାର ଉଦାହରଣ ଦେବା ପାଇଁ ଆମ ନିକଟରେ ଶବ୍ଦ ନାହିଁ । ବିଗତ ଦିନରେ ଆମମାନଙ୍କ ଦ୍ୱାରା ଉପାସନାରେ ଯେଉଁ ଦୁର୍ବଳତା ସାଧିତ ହୋଇଛି ତାହାକୁ ଏହି ମାସରେ ଭରଣ କରିବାର (ପ୍ରଭୁ) ବ୍ୟବସ୍ଥା କରି ଦେଇଛନ୍ତି ।

ପବିତ୍ର ରମଜାନ ମାସରେ ମସଜିଦ୍‌ମାନଙ୍କରେ (ବିଶେଷ) ଦରସ୍‌ର ବ୍ୟବସ୍ଥା ହୋଇଥାଏ । ଏହିପରି MTAରେ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମମାନ ପ୍ରସାରଣ କରାଯାଇଥାଏ । ସେଥିରୁ ଉପକୃତ ହେବା ଉଚିତ୍ ଏବଂ

ଅଲ୍ଲାଃତାଲାଙ୍କର ସାନିଧ୍ୟ ଲାଭ କରିବାକୁ ଚେଷ୍ଟା କରିବା ଉଚିତ୍ । ପୁନଶ୍ଚ ସେହି (ଆଧ୍ୟାତ୍ମିକ) ପରିବେଶକୁ ନିଜ ଜୀବନର ଚିରସ୍ଥାୟୀ ଅଂଶ କରିନେବା ଉଚିତ୍ । ଯଦ୍ୱାରା ଆମେ ଅଲ୍ଲାଃତାଲାଙ୍କ ଦୟା ଓ କୃପାର ସର୍ବକାଳିନ ଅଧିକାରୀ ହୋଇପାରିବା । ପୈଗମ୍ବର ମୁହମ୍ମଦ ମୁସ୍ତଫା[ସ.ଅ] କହିଲେ; ଅଲ୍ଲାଃତାଲାଙ୍କୁ ନିଜ ଭକ୍ତର ଏହି ମାର୍ଗ ଆଡ଼କୁ ଆସିବାରେ ଏପରି ଆନନ୍ଦ ଲାଭ ହୋଇଥାଏ ଯେପରି ଜଣେ ଜନନୀକୁ ତାହାର ହଜି ଯାଇଥିବା ଛୁଆ ମିଳିଗଲେ, ହୋଇଥାଏ । ବରଂ ତା'ଠାରୁ ଅଧିକ ଆନନ୍ଦ ଲାଭ ହୋଇଥାଏ । ଯେତେବେଳେ ଅଲ୍ଲାଃତାଲା ନିଜ ଭକ୍ତ ଉପରେ ପ୍ରସନ୍ନିତ ହୋଇଥାନ୍ତି ସେତେବେଳେ ତାହାକୁ ଏତେ (ଅଜସ୍ର) ପ୍ରଦାନ କରିଥାନ୍ତି କି ଯାହାର ସେ ଗଣନା କରିପାରି ନଥାଏ । ସୁତରାଂ ଏହା ଆମର ସୌଭାଗ୍ୟ ହେବ ଯଦି ଆମେମାନେ ରମଜାନର ଏହି ଆଧ୍ୟାତ୍ମିକ ପରିବେଶରୁ ଉପକୃତ ହେବା ।

ସୁରେ ବକରାଃର ଉପରୋକ୍ତ ଆୟତରେ ଅଲ୍ଲାଃତାଲା ଯେଉଁସ୍ଥଳେ ଧର୍ମପରାୟଣ ହୋଇ ନିଜ ଆଦେଶ ପାଳନ କରିବାକୁ କହିଛନ୍ତି, ସେହିସ୍ଥଳେ କେତେକ ଅନ୍ୟ ଆଦେଶର ମଧ୍ୟ ଚର୍ଚ୍ଚା କରିଛନ୍ତି । ରୋଜାର ଉଦ୍ଦେଶ୍ୟ ଧର୍ମପରାୟଣ ମାର୍ଗରେ ପରିଚାଳିତ ହେବା । ଧନିକ ବର୍ଗଙ୍କୁ ଆବଶ୍ୟକ ଯେ, ନିଜ ଆଖପାଖରେ ବସବାସ କରୁଥିବା ଅଭାବିମାନଙ୍କର ବିଶେଷ ରୂପେ ଖିଆଲ ରଖିବା ଉଚିତ୍ । ଇଫ୍‌ତାର (ରୋଜା ଖୋଲିବା) ପାଇଁ ଆମନ୍ତ୍ରଣ କରି ଯେଉଁ ବଡ଼ ବଡ଼ ଜନସମାବେଶର ଆୟୋଜନ କରୁଛନ୍ତି, ତାହାର ତ ଏମିତି ମଧ୍ୟ ମୁଁ ସମର୍ଥନ କରି ନଥାଏ । ଏସବୁ ଲୋକ ଦେଖାଣିଆ କାର୍ଯ୍ୟ ଏବଂ କୁପ୍ରଥା ଯାହାକି ଆମ ସମାଜରେ ପ୍ରଭାବ ବିସ୍ତାର କରିଚାଲିଛି । ରମଜାନ ମାସରେ ତ ପବିତ୍ର କୁରଆନର ପାଠ କରିବା, ଅନ୍ୟ ପଢ଼ାଇବା, ତିଲାଓ୍ୱତ୍ ଶୁଣିବା, ଉପାସନା ଓ ପ୍ରଭୁଙ୍କ ମହିମା ଗାନ କରିବା ପ୍ରତି ମନଯୋଗ କରାଯାଇଥାଏ । ଆଉ ରୋଜା ଅପକର୍ମ ଓ ପାପରୁ ରକ୍ଷା ପାଇବା ନିମନ୍ତେ ଢ଼ାଲ (ସଦୃଶ) କିନ୍ତୁ ଢ଼ାଲକୁ ବ୍ୟବହାର କରିବାର ବିଦ୍ୟା ମଧ୍ୟ ଜଣାଥିବା ଉଚିତ୍ । ନଚେତ୍ ଶୈତାନ ତ ପ୍ରତିମୁହୂର୍ତ୍ତରେ ମନୁଷ୍ୟର ମତିଭ୍ରଷ୍ଟ କରିବାକୁ ପ୍ରୟାସରତ । **ଉପାସନା ଓ ପ୍ରଭୁଙ୍କ ମହିମାଗାନ କରିବାର ଦୁର୍ଗ ଆମମାନଙ୍କୁ ଶୈତାନର ଆକ୍ରମଣରୁ ରକ୍ଷା କରିବ ।** ଶୈତାନକୁ ସାଧାରଣ ମନେକରିବା ଉଚିତ୍ ନୁହେଁ । କାରଣ ସେ ଅତି ଦୃଢ଼ ଉକ୍ତିରେ ଚ୍ୟାଲେଞ୍ଜ କରିଥିଲା ଯେ, ଈଶ୍ୱରଙ୍କ ଭକ୍ତମାନଙ୍କ ମଧ୍ୟରୁ ଅଧିକାଂଶ ମୋ ଦ୍ୱାରା ଭ୍ରମିତ ହୋଇ ମୋର ଅନୁଗାମୀ ହୋଇଯିବେ । ଅତଃ ଆମେମାନେ ପବିତ୍ର ରମଜାନ ମାସରେ ତାହାର ପ୍ରତିଦ୍ୱନ୍ଦିତା କରିବା ଏବଂ ପ୍ରଭୁଙ୍କ ଆରାଧନା ଓ କୁରଆନର ଆଦେଶ ପାଳନ କରିବା ଅସ୍ତ୍ର ମାଧ୍ୟମରେ ଶୈତାନର ସର୍ବଦା ମୁକାବିଲା କରିଚାଲିବା ।

ରୋଜାର ବାସ୍ତବତା ବର୍ଣ୍ଣନା କରି ଯୁଗାବତାର ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଲୋକମାନେ ରୋଜାର ବାସ୍ତବତାରୁ ଅଜ୍ଞାତ । ରୋଜା ଏତିକି ନୁହେଁ କି ଏଥିରେ ଜଣେ ଅଖିଆ ଅପିଆ ରହିଥାଏ ବରଂ ତାହାର ଗୋଟିଏ ବାସ୍ତବତା ଓ ପ୍ରଭାବ ରହିଛି । ଯାହାକି ଅଭିଜ୍ଞତାରୁ ଜ୍ଞାତ (ଉନ୍ମୋଚିତ) ହୋଇଥାଏ । **ମନୁଷ୍ୟ ସ୍ୱଭାବରେ ଏହା ବିଦ୍ୟମାନ କି ଯେପରି ସ୍ୱଳ୍ପ ଖାଦ୍ୟ ସେବନ କରିଥାଏ ସେହିପରି (ତାହାର) ଆତ୍ମଶୁଦ୍ଧି ହୋଇଥାଏ ।** ଆଉ ଅଲୌକିକ ସାମର୍ଥ୍ୟରେ ଅଭିବୃଦ୍ଧି ଘଟିଥାଏ । ଏତଦ୍ ଦ୍ୱାରା ପ୍ରଭୁଙ୍କର ଉଦ୍ଦେଶ୍ୟ ଗୋଟିଏ ଆହାର କମ କର ଏବଂ ଅନ୍ୟଟିକୁ ବଢ଼ାଅ । ମନୁଷ୍ୟକୁ ଆବଶ୍ୟକ କି ଅଲ୍ଲାଃଙ୍କ ଗୁଣଗାନ କରିବାରେ ମଗ୍ନ ହୋଇଯାଉ । ଯଦ୍ୱାରା ବର୍ଜନ ଓ ବୈରାଗ (ଭାବ) ହାସଲ ହେବ । ସୁତରାଂ ରମଜାନ ମାସରେ ପବିତ୍ର କୁରଆନର ଆବୃତ୍ତି କରିବା ତାହାକୁ ହୃଦୟଙ୍ଗମ କରିବା, ଉପାସନା ଓ ପ୍ରଭୁଙ୍କ ଜପ କରିବା ମଧ୍ୟ ଅତ୍ୟନ୍ତ ଜରୁରୀ । ଯେପରି ଅନ୍ତରଆତ୍ମାରୁ ପ୍ରଭୁଙ୍କ ପ୍ରଶଂସା ଗାନ କରିଥାଏ, ଏଥିସକାଶେ ହଜରତ ମସିହ ମଉଦ [ଅ.ସ]ଙ୍କର ଏକ ଦୁଆ ଯାହାକି ଐଶ୍ୱୀବାଣୀ ସମ୍ବଳିତ । ଅର୍ଥାତ ସୁବ୍‌ହାନଲ୍ଲାହି ଓ ବିହମ୍‌ଦିହି ସୁବ୍‌ହାନଲ୍ଲାହିଲ୍ ଅଜିମ୍ ଅଲ୍ଲାହୁମ୍ମା ସଲ୍ଲି ଆଲା ମୁହମ୍ମଦିଉଁ ଓଆଲି ମୁହମ୍ମଦ୍ । ଏହା ଏକ ଗୁରୁତ୍ୱପୂର୍ଣ୍ଣ ଦୁଆ । ଦୁଆ ସ୍ୱୀକୃତି ଲାଭ କରିବା ନିମନ୍ତେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ମୁସ୍ତଫା [ସ.ଅ]ଙ୍କର ମାଧ୍ୟମ ଅବଶ୍ୟ ଲୋଡ଼ା । ଏହା ଅଲ୍ଲାଃତାଲାଙ୍କର ଆଦେଶ ।

ପବିତ୍ର କୁରଆନରେ ଅଲ୍ଲାଃତାଲା ବାରମ୍ବାର ଧର୍ମପରାୟଣତାର ମାର୍ଗରେ ପରିଚାଳିତ ହେବାକୁ ନିର୍ଦ୍ଦେଶ ଦେଇଛନ୍ତି । ହଜରତ ମସିହ ମଉଦ[ଅ.ସ] ମଧ୍ୟ ଯେକୌଣସି ଜନସମାଗମରେ ଯୋଗ ଦେଉଥିଲେ ଏହି ପ୍ରସଙ୍ଗରେ ଆଲୋକପାତ କରୁଥିଲେ । ଆପଣ [ଅ.ସ]ଙ୍କର ଏକ ଉର୍ଦ୍ଦୁ କବିତା ରଚନା କଲେ, "ହର୍ ଏକ ନେକି କି ଜଡ଼ ୟେ ଇତ୍‌ତେକା ହେ" ସେଥିଅନ୍ତେ ପରବର୍ତ୍ତୀ ପଦଟି ପରମବ୍ରହ୍ମ ଦୈବିବାଣୀ କଲେ "ଅଗର ୟେ ଜଡ଼ ରହି ତୋ ସବ୍ କୁଛ ରହା ହେ" । ସୁତରାଂ ଧର୍ମନିଷ୍ଠତା ହିଁ ପ୍ରଭୁଙ୍କୁ ପସନ୍ଦ । କାରଣ ଏହା (ମନୁଷ୍ୟକୁ) ପ୍ରତ୍ୟେକ ପ୍ରକାରର ସତ୍ ଓ ପୁଣ୍ୟକର୍ମ ଆଡ଼କୁ ଘେନି ନେଇଯାଏ । **ଧର୍ମନିଷ୍ଠତା ସାଂସାରିକ କାମନାରୁ ପବିତ୍ର କରିଥାଏ ତେଣୁ ଧର୍ମପରାୟଣତା ଲାଭ କରିବା ସକାଶେ ପ୍ରତ୍ୟେକ ବିଶ୍ୱାସକାରୀର ପ୍ରାଥମିକ କର୍ତ୍ତବ୍ୟ ହେବା ଉଚିତ୍ ।**

ସେହି ଆୟତ ମଧ୍ୟରୁ ଦ୍ୱିତୀୟ ଆୟତରେ ରୋଜା ରଖିବା ସଂକ୍ରାନ୍ତରେ କେତେକ ନିର୍ଦ୍ଦେଶ ରହିଛି । ଯେପରିକି ଅଲ୍ଲାଃତାଲା କହିଲେ; କେତେକ ନିର୍ଦ୍ଦିଷ୍ଟ ଦିନରେ ଉପବାସ ରଖିବା ପାଇଁ ଧାର୍ଯ୍ୟ କରିବା ପରେ ଅବ୍ୟାହତି (ଛାଡ଼) ପ୍ରଦାନ କରିଛନ୍ତି । ସୁତରାଂ ଯେ ରୋଗରେ ପୀଡ଼ିତ ଥାଏ ଅବା ଯାତ୍ରା କରୁଥାଏ ସେ ନିଜ ଉପରେ ଅଯଥା ଅତ୍ୟାଚାର ନକରୁ ଏବଂ ସ୍ୱାସ୍ଥ ଲାଭ କରିବା ଅନ୍ତେ ଅଥବା ଯାତ୍ରା ସମାପ୍ତ ହେବାରେ ସଂଖ୍ୟା (ବାଦ୍ ପଡ଼ିଯାଇଥିବା ରୋଜା) ପୂରଣ କରିବାକୁ ହେବ । ଅର୍ଥାତ ରହିଯାଇଥିବା ରୋଜାଗୁଡ଼ିକୁ ପୂରଣ କର । ଅନିବାର୍ଯ୍ୟ (ରୋଜା) ପୂରଣ କରିବା ଜରୁରୀ କିନ୍ତୁ ଅଯଥାରେ ନିଜ ଉପରେ ବୋଝ ଲଦିବା ଉଚିତ୍ ନୁହେଁ । ପୁନଶ୍ଚ ଫିଦ୍‌ୟା ଦେବାର ଆଦେଶ ରହିଛି କିନ୍ତୁ ଏହା ସଭିଙ୍କ ପାଇଁ ନୁହେଁ ବରଂ ସାମର୍ଥ ରଖୁଥିବା ବ୍ୟକ୍ତି ସକାଶେ ଉଦ୍ଦିଷ୍ଟ ଯେ, ଏତଦ୍ ଦ୍ୱାରା ଦୋହରା ପୁଣ୍ୟ ଲାଭ ହୋଇଥାଏ । କାରଣ ଏହା ଅଧିକ ପୁଣ୍ୟ ଅର୍ଜନ ହୋଇଥାଏ । ପୁନଶ୍ଚ କ୍ଷୀରପାନ କରାଉଥିବା ମହିଳା ଅଥବା ଚିର ଅସୁସ୍ଥ ଲୋକମାନେ ରହିଛନ୍ତି । ସେମାନଙ୍କୁ ସେମାନଙ୍କ ସାମର୍ଥ ଅନୁଯାୟୀ କ୍ଷତିପୂରଣ (ଫିଦ୍‌ୟା) ଦେବାର ଆଦେଶ ଦେଲେ ଏବଂ କହିଲେ; ତୁମର ଫିଦ୍‌ୟା ଦେବା ରୋଜା ରଖିବାର ପ୍ରତିବଦଳ । ଫିଦ୍‌ୟା ଦ୍ୱାରା ଦରିଦ୍ର ଓ ଅସହାୟ ଲୋକମାନଙ୍କର ସାହାଯ୍ୟ କରାଯାଇ ଥାଏ । ଯେପରିକି ଏହିସ୍ଥଳେ ଭକ୍ତଙ୍କ କର୍ତ୍ତବ୍ୟକୁ ଉପାସନାର ପଦମର୍ଯ୍ୟାଦା ପ୍ରଦାନ କରିଦେଲେ । ଏପରି ଅଟନ୍ତି ଇସଲାମର ପ୍ରଭୁ ଯେ ପରମ ଦୟାଳୁ ଓ କୃପାଳୁ ବ୍ୟତୀତ ଅନ୍ୟଥା କିଛି ନୁହେଁ । ହଜରତ ମସିହ ମଉଦ[ଅ.ସ] କୁହନ୍ତି; ଏକଦା ମୋ ମନରେ ଏକଥା ଉଦ୍ରେକ ହେଲା କି ଫିଦ୍‌ୟା କାହିଁକି ଧାର୍ଯ୍ୟ କରାଯାଇଛି ? ସେତେବେଳେ ଜ୍ଞାତ ହେଲା ଯେ, ସାମର୍ଥ୍ୟ ଲାଭ ହେବା ସକାଶେ । ଯଦ୍ୱାରା ତାହାକୁ ରୋଜା ରଖିବା ପାଇଁ ସାମର୍ଥ୍ୟ ଲାଭ ହେବ । ଈଶ୍ୱର ତ ସକଳ କାର୍ଯ୍ୟ କରିବାକୁ ସମର୍ଥ । ଯଦି ସେ ଇଚ୍ଛା କରନ୍ତି ତେବେ ଜଣେ ଯକ୍ଷ୍ମା ରୋଗୀକୁ ମଧ୍ୟ ରୋଜା ରଖିବା ପାଇଁ ସାମର୍ଥ୍ୟ ପ୍ରଦାନ କରି ଦେଇଥାନ୍ତି । **ସୁତରାଂ ଫିଦ୍‌ୟା ଦେବାରେ ମୂଳ ଉଦ୍ଦେଶ୍ୟ ଅସମର୍ଥକୁ ସାମର୍ଥ୍ୟ ଲାଭ ହେବ ଏବଂ ଏହା (କେବଳ) ପ୍ରଭୁଙ୍କ କୃପା ଦ୍ୱାରା ହାସଲ ହୋଇଥାଏ ।**

ହଜରତ ମସିହ ମଉଦ[ଅ.ସ] କୁହନ୍ତି; ପ୍ରକୃତ କଥା ଏହିକି ଯେ, ପବିତ୍ର କୁରଆନର ଅବ୍ୟାହତି (ଛାଡ଼)ରୁ ଉପକୃତ ହେବା ମଧ୍ୟ ଧର୍ମପରାୟଣତା । ଅଲ୍ଲାଃତାଲା ପୀଡ଼ିତ ଏବଂ ଯାତ୍ରୀ ପାଇଁ ଅନ୍ୟ ସମୟରେ ରୋଜା ରଖିବାକୁ ଅନୁମତି ଓ ଅବସର ପ୍ରଦାନ କରିଛନ୍ତି । ଏହି ଆଦେଶର ପାଳନ କରିବା ଉଚିତ୍ । ଯେଉଁ ବ୍ୟକ୍ତି ପୀଡ଼ିତ ଥାଏ ଅବା ଯାତ୍ରା କରିବା ଅବସ୍ଥାରେ ରୋଜା ରଖିବ ସେମାନେ ପରମେଶ୍ୱରଙ୍କ ଆଦେଶର ଖୋଲମଖୋଲା ଉଲଘଂନ କରିଥାନ୍ତି । ଦେଖ ମୁକ୍ତି ପ୍ରାପ୍ତି ପ୍ରଭୁଙ୍କ କୃପା ଉପରେ ନିର୍ଭରଶୀଳ, ନା କି ନିଜ ଅମଲର ଶୌର୍ଯ୍ୟ (ଜୋର) ଦେଖାଇ କେହି ମୁକ୍ତି ପ୍ରାପ୍ତି କରିପାରିବ । ଯଦି କୌଣସି ପୀଡ଼ିତ ବ୍ୟକ୍ତି ଏବଂ ଯାତ୍ରୀ ଉପବାସ କରନ୍ତି ତେବେ ସେ ନିଜ ପାଳନକର୍ତ୍ତାଙ୍କ ଆଦେଶର ଅବମାନନାକାରୀ ବୋଲାଇବ । ତେଣୁ ଧର୍ମପରାୟଣତା ଏହିକି ଯେ, ଅଲ୍ଲାଃତାଲାଙ୍କର (ପୂର୍ଣ୍ଣ) ଆଜ୍ଞାକାରୀ ହୋଇଯାଅ ।

ଅଲ୍ଲାଃତାଲା ଆମମାନଙ୍କୁ ଏହି ରମଜାନ ମାସରେ ନିଜ ପ୍ରୀତିଭାଜନ ଲାଭ କରିବା ମାର୍ଗରେ ପରିଚାଳିତ କରାଇ ଧର୍ମପରାୟଣ ହେବାକୁ ଶକ୍ତି ପ୍ରଦାନ କରନ୍ତୁ । ଆମମାନଙ୍କୁ ନିଜ ଧର୍ମନିଷ୍ଠତାର ସ୍ତରକୁ ଉର୍ଦ୍ଧ୍ୱଗାମୀ କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ଆମେ ସର୍ବଦା ଇସଲାମର ସୁନ୍ଦର ଶିକ୍ଷାର ଅନୁକରଣ କରି ଏହି ରମଜାନ ମାସରେ ପ୍ରଭୁଙ୍କ ଅପାର କଲ୍ୟାଣର ଅଧିକାରୀ ହେଉ । ପ୍ରତ୍ୟେକ ଦିନର ଉଇଁଲା ସୂର୍ଯ୍ୟ ଆମମାନଙ୍କ ପାଇଁ ଦୟା ଓ ଅନୁକମ୍ପାର ପସରା ଘେନି ଆସୁ । ଆମେମାନେ ବାସ୍ତବରେ ରମଜାନର କଲ୍ୟାଣରୁ ଉପକୃତ ହେଉ । ଏହି ରମଜାନ ଆମମାନଙ୍କୁ ଅଲ୍ଲାଃତାଲାଙ୍କର ଅଧିକ ନିକଟବର୍ତ୍ତୀ କରୁ । ଆମମାନଙ୍କ ଦୁଆ ସ୍ୱୀକାର ହେବାର ସ୍ତରରେ ଉପନୀତ ହେଉ ।

ସକଳ ଜଗତରେ ରହିଥିବା ଅହେମଦି ଜମାଅତର ଉନ୍ନତି ଓ ସମସ୍ତ ସମସ୍ୟା ଦୂର ହେବା ନିମନ୍ତେ ଦୁଆ କରିବେ । ଅଲ୍ଲାଃତାଲା ଆମମାନଙ୍କୁ ପ୍ରଶାସନିକ ଓ ଆମ ଶତ୍ରୁମାନଙ୍କର ଷଡ଼ଯନ୍ତ୍ରରୁ ସୁରକ୍ଷିତ ରଖନ୍ତୁ । କଏଦୀମାନଙ୍କ କାରାମୁକ୍ତ ହେବା ନିମନ୍ତେ ଦୁଆ କରିବେ । ଏହି ଦୁଆ କରିବେ କି ଆମେମାନେ ଅଲ୍ଲାଃତାଲାଙ୍କର ପଣତକୁ ଏପରି ଜାବୁଡ଼ି ଧରିବା ଯେ, କଦାପି ଆମର କୌଣସି ଦୋଷତ୍ରୁଟି ଯୋଗୁଁ ତାହା ଯେପରି ଢିଲା ହୋଇ ନଯାଉ ଏବଂ ଅଲ୍ଲାଃତାଲାଙ୍କ କୃପା ଓ ଅନୁକମ୍ପା ରୂପକ ବୃଷ୍ଟିପାତ ସର୍ବଦା ଆମମାନଙ୍କ ଉପରେ ଅବତୀର୍ଣ୍ଣ ହେଉଥାଉ । ମୁସଲମାନମାନଙ୍କ ସକାଶେ ମଧ୍ୟ ଦୁଆ କରିବେ । ଅଲ୍ଲାଃତାଲା ସେମାନଙ୍କୁ ସଦ୍‌ବୁଦ୍ଧି ଓ ବିବେଚନାର ଶକ୍ତି ପ୍ରଦାନ କରନ୍ତୁ । ସେମାନେ ଆଗମନକାରୀ ପ୍ରତିଶ୍ରୁତ ମସିହ ଓ ମେହଦୀଙ୍କ ଆନୁଗତ୍ୟ ସ୍ୱୀକାର କରନ୍ତୁ । ଯୁଦ୍ଧର କୁପ୍ରଭାରୁ ରକ୍ଷା ପାଇବା ନିମନ୍ତେ ମଧ୍ୟ ଦୁଆ କରିବେ । କ୍ଷମତା ହାସଲ କରିବା ନିମନ୍ତେ ମୁସଲମାନ ରାଷ୍ଟ୍ରମାନଙ୍କରେ ଯେଉଁ ଗୃହଯୁଦ୍ଧ ଚାଲିଛି ଯାହା ଫଳରେ ନିରୀହ ଓ ନିର୍ଦ୍ଦୋଷ ଜନସାଧାରଣ ଅନ୍ୟାୟର ଚକ୍କିରେ ପେସି ହେଉଛନ୍ତି ଅଲ୍ଲାଃତାଲା ସେମାନଙ୍କ ଉପରେ ମଧ୍ୟ ଦୟା କରନ୍ତୁ ଏବଂ ସେହି ଅତ୍ୟାଚାରୀମାନଙ୍କ କବଳରୁ ତାଙ୍କୁ ଉଦ୍ଧାର କରନ୍ତୁ ।

ବିଶ୍ୱର ଶୋଚନୀୟ ଅବସ୍ଥା ସାମାନ୍ୟ ହେବା ନିମନ୍ତେ ମଧ୍ୟ ଦୁଆ କରିବେ । ଅଲ୍ଲାଃତାଲା ଯୁଦ୍ଧ ଓ ତାହାର ଭୟଙ୍କର ପରିଣାମରୁ (ଆମମାନଙ୍କୁ) ରକ୍ଷା କରନ୍ତୁ । କାରଣ ଯଦି (ବିଶ୍ୱ) ଯୁଦ୍ଧ ହୁଏ ତେବେ ଅହେମଦିମାନେ ମଧ୍ୟ ପ୍ରଭାବିତ ହେବେ । ଅଲ୍ଲାଃତାଲା ଅହେମଦିମାନଙ୍କୁ ନିଜ ସୁରକ୍ଷା ବଳୟ ମଧ୍ୟରେ ରଖନ୍ତୁ । ସେଥିରୁ ବର୍ତ୍ତି ରହିବା ନିମନ୍ତେ ମଧ୍ୟ ପ୍ରତ୍ୟେକ ଅହେମଦିଙ୍କୁ ନିଜ ଧର୍ମପରାୟଣତାର ସ୍ତର ଉର୍ଦ୍ଧ୍ୱଗାମୀ କରିବାକୁ ହେବ । ହଜରତ ମସିହ ମଉଦ[ଅ.ସ] ଆମମାନଙ୍କୁ ଏହା ହିଁ କରିବାକୁ ଉପଦେଶ ଦେଇଛନ୍ତି । ଅଲ୍ଲାଃତାଲା ପ୍ରତ୍ୟେକ ଅହେମଦିଙ୍କୁ ଏହାର ଶକ୍ତି ପ୍ରଦାନ କରନ୍ତୁ । ଏଠାକାର (ପ୍ରଶାସନିକ ଗତିବିଧି)ରୁ ମଧ୍ୟ ପ୍ରତୀତ ହେଉଛି ଯେ, ସେମାନେ ଚର୍ତୁପାର୍ଶ୍ୱରୁ ମୁସଲମାନମାନଙ୍କୁ ଘେରିବାକୁ ଚାହୁଁଛନ୍ତି । ତେଣୁ ଦୁଆ କରିବେ ଅଲ୍ଲାଃତାଲା ଆମମାନଙ୍କୁ ଓ ବାକି ମୁସଲମାନମାନଙ୍କୁ ସେମାନଙ୍କ କୁଟନୀତି ଓ ଖଳ ପ୍ରବୃତ୍ତିରୁ ସୁରକ୍ଷିତ ରଖନ୍ତୁ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟ୍ୟାତି ଆମାଲିନା ମଈଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଈଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉୟ୍‌କୁରୁଲ୍ଲାହା ୟୟ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲୟିକ୍‌ରୁଲ୍ଲାହି ଅକ୍‌ବର୍ ।